# ସଂସ୍କୃତି ବିଭାଗ, ଓଡ଼ିଶା ସରକାର

## ରାଜା ରାମମୋହନ ରାୟ ଲାଇବ୍ରେରୀ ଫାଉଣ୍ଡେସନ ଯୋଜନାରେ ପୁସ୍ତକ କ୍ରୟ ପାଇଁ ବିଜ୍ଞାପନ

୨୦୦୯-୧୦ ବର୍ଷ ପାଇଁ ରାଜା ରାମମୋହନ ରାୟ ପାଠାଗାର ସଂସ୍ଥା ତରଫରୁ ଆମ ରାଜ୍ୟର ସହରାଞ୍ଚଳ, ଗ୍ରାମାଞ୍ଚଳ-'କ' ଏବଂ ଗ୍ରାମାଞ୍ଚଳ-'ଖ' ବର୍ଗର ଅନୁମୋଦିତ ପାଠାଗାରମାନଙ୍କ ପାଇଁ ପୁସ୍ତକ କ୍ରୟ ନିମନ୍ତେ ସଂସ୍କୃତି ବିଭାଗ ଆଗ୍ରହୀ ପ୍ରକାଶକମାନଙ୍କ ଠାରୁ ତା ୨୬.୪.୨୦୧୦ ରିଖ ଠାରୁ ତା ୨୫.୫.୨୦୧୦ ରିଖ ମଧ୍ୟରେ (ଛୁଟି ଦିନ ବ୍ୟତୀତ) ଦରଖାସ୍ତ ଗ୍ରହଣ କରିବେ। ପ୍ରକାଶକମାନେ ନିର୍ଦ୍ଦିଷ୍ଟ ଦରଖାସ୍ତ 'ଖ' ଫର୍ମରେ ସମ୍ପୂର୍ଣ୍ଣ ତଥ୍ୟ ସହ ଅନୁଚ୍ଛେଦ 'ଛ'ରେ ନିର୍ଦ୍ଧାରିତ ପ୍ରତ୍ୟେକ ବିଭାଗ ପାଇଁ ପୃଥକ ପୃଥକ ଭାବରେ ନମୁନା ପୁସ୍ତକ ଓ ତାଲିକିତା ଲେଖାଏଁ ଦରଖାସ୍ତ ଫର୍ମ ଦାଖଲ କରିବା ପାଇଁ ଜଣାଇଦିଆଯାଉଅଛି । ଏଥିପାଇଁ ସର୍ତ୍ତାବଳୀ ସହିତ ଅଙ୍ଗୀକାର ପତ୍ର ଓ ନମୁନା ଫର୍ମ ନିମ୍ନରେ ପ୍ରଦାନ କରାଯାଇଛି । ନମୁନା ପୁସ୍ତକ ସହିତ ଦରଖାସ୍ତଗୁଡ଼ିକ ଓ ଅଙ୍ଗୀକାର ପତ୍ର ପୂର୍ବାହ୍ନ ସାଢ଼େ ୧୦ ଘଣ୍ଟା ଠାରୁ ଅପରାହ୍ନ ସାଢ଼େ ୪ ଘଣ୍ଟା ମଧ୍ୟରେ ନିର୍ଦ୍ଦିଷ୍ଟ ତାରିଖ ସୀମା ଭିତରେ ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗସ୍ଥିତ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର, ଭୁବନେଶ୍ୱରରେ ଗ୍ରହଣ କରାଯିବ ।

ପ୍ରକାଶଥାଉକି, ୨୦୦୭, ୨୦୦୮ ଓ ୨୦୦୯ କ୍ୟାଲେଣ୍ଡର ବର୍ଷରେ ପ୍ରକାଶିତ ହୋଇଥିବା ପ୍ରଥମ ସଂସ୍କରଣ ପୁସ୍ତକକୁ ଚୟନ କରିବା ଦିଗରେ ଅଗ୍ରାଧିକାର ଦିଆଯିବ । ଜଣେ ପ୍ରକାଶକଙ୍କର ଶିଶୁ ସାହିତ୍ୟ ବିଭାଗରୁ ସର୍ବାଧିକ ୧୦ ଗୋଟି ସହିତ ଅନ୍ୟାନ୍ୟ ବିଭାଗରୁ ସର୍ବାଧିକ ୧୦ ଗୋଟି ଓ ଜଣେ ଲେଖକଙ୍କର ସର୍ବାଧିକ ୨ ଗୋଟି ପୁସ୍ତକ ଏହି ପ୍ରକ୍ରିୟାରେ ଚୟନ କରାଯିବ । ଏଥିପାଇଁ ଜଣେ ପ୍ରକାଶକଙ୍କ ଠାରୁ ଶିଶୁ ସାହିତ୍ୟ ବିଭାଗ ନିମିତ୍ତ ସର୍ବାଧିକ ୨୦ ଖଣ୍ଡ ପୁସ୍ତକ ସମେତ ଅନ୍ୟାନ୍ୟ ସବୁ ବିଭାଗ ପାଇଁ ମଧ୍ୟ ୨୦ ଖଣ୍ଡ ପୁସ୍ତକ ଗ୍ରହଣ କରାଯିବ । ପୂର୍ବରୁ ଏହି ଯୋଜନାରେ କ୍ରୟ କରାଯାଇଥିବା ପୁସ୍ତକଗୁଡ଼ିକ ପୁନର୍ବାର ଗ୍ରହଣ କରାଯିବ ନାହିଁ ।

ସୂଚନାଯୋଗ୍ୟ ଯେ, କେତେକ ଅନିର୍ବାଯ୍ୟ କାରଣ ବଶତଃ ଏହି ଯୋଜନାରେ ୨୦୦୮-୦୯ ବର୍ଷର ପୁସ୍ତକ ଚୟନ ପ୍ରକ୍ରିୟା ଅଦ୍ୟାବଧି ସମାପ୍ତ ହୋଇନଥିବାରୁ ପ୍ରକାଶକ / ଲେଖକ ମାନଙ୍କର ସୁବିଧା ନିମିତ୍ତ ସେମାନଙ୍କଦ୍ୱାରା ସେହି ବର୍ଷ ପାଇଁ ଦାଖଲ କରାଯାଇଥିବା ପୁସ୍ତକ ମଧ୍ୟରୁ ଯେଉଁ ପୁସ୍ତକ ଗୁଡ଼ିକ ଚୟନ ହୋଇପାରିବନାହିଁ ମାତ୍ର ସେଗୁଡ଼ିକର ପ୍ରକାଶନ ଅବଧି ୨୦୦୭ ଓ ୨୦୦୮ ବର୍ଷ ମଧ୍ୟରେ ଥିବ ତାହା ମଧ୍ୟ ୨୦୦୯-୧୦ ବର୍ଷ ପାଇଁ ପ୍ରଦତ୍ତ ପୁସ୍ତକ ସହ ଏକାସାଙ୍ଗରେ ବିଚାର ପରିସର ଭୁକ୍ତ ହେବ । ଏହାଦ୍ୱାରା ପ୍ରକାଶକ / ଲେଖକ ମାନଙ୍କଦ୍ୱାରା ୨୦୦୯-୧୦ ବର୍ଷ ପାଇଁ ପ୍ରଦତ୍ତ ଉପରେ ବର୍ଣ୍ଣିତ ସର୍ବାଧିକ ସଂଖ୍ୟାର ପୁସ୍ତକ ସମେତ ୨୦୦୮-୦୯ ବର୍ଷର ଅନିର୍ବାଚିତ ପୁସ୍ତକ ଗୁଡ଼ିକ୍ ମଧ୍ୟ ପୁସ୍ତକ ଚୟନ କମିଟି ଦ୍ୱାରା ଚୟନ ପ୍ରକ୍ରିୟାରେ ସାମିଲ ହୋଇପାରିବ ।

ପ୍ରକାଶକମାନେ ସେମାନଙ୍କ ପ୍ରକାଶିତ ପୁସ୍ତକର ଏକକିତା ଲେଖାଏଁ ପ୍ରତିଲିପି କଲିକତାସ୍ଥିତ ଜାତୀୟ ପାଠାଗାର ଓ ଦୁଇକିତା ଲେଖାଏଁ ପ୍ରତିଲିପି ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ନିମନ୍ତେ ମାଗଣାରେ ଦାଖଲ କରିବେ, ଅନ୍ୟଥା ସମ୍ପୃକ୍ତ ପୁସ୍ତକ ରାଜା ରାମମୋହନ ରାୟ ପାଠାଗାର ପୁସ୍ତକ କ୍ରୟ ଯୋଜନାରେ ବିଚାରକୁ ନିଆଯିବ ନାହିଁ । ୨୦୦୭ ଓ ୨୦୦୮ ପାଇଁ ଦାଖଲ ହୋଇଥିବା ପୁସ୍ତକ ପୁନଃଶ୍ଚ ଜାତୀୟ ପାଠାଗାର ଓ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରକୁ ପଠାଇବା ଆବଶ୍ୟକ ନାହିଁ । ଦାଖଲ କରାଯାଉଥିବା ପୁସ୍ତକଗୁଡ଼ିକ ନିମ୍ନଲିଖିତ ଶ୍ରେଣୀ ବିଭାଗର ପରିସରଭୁକ୍ତ ହୋଇଥିବା ଆବଶ୍ୟକ ।

(କ) ଜାତୀୟ ସମ୍ମାନ ଓ ସ୍ୱୀକୃତି ପ୍ରାପ୍ତ ଲେଖକମାନଙ୍କ ଦ୍ୱାରା ଓଡ଼ିଆ, ହିନ୍ଦୀ ଓ ଇଂରାଜୀ ଭାଷାରେ ଲିଖିତ ପୁସ୍ତକ ଓ ଓଡ଼ିଆରେ ଅନୁଦିତ ପୁସ୍ତକ ।

(ଖ) କେନ୍ଦ୍ର ଓ ଓଡ଼ିଶା ସାହିତ୍ୟ ଏକାଡେମୀମାନଙ୍କ ଦ୍ୱାରା ପୁରସ୍କାର ପ୍ରାପ୍ତ ଓଡ଼ିଆ, ହିନ୍ଦୀ, ଇଂରାଜୀ ପୁସ୍ତକ ଓ ଓଡ଼ିଆ ଭାଷାରେ ଅନୁଦିତ ପୁସ୍ତକ ।

(ଗ) ଜାତୀୟ ଓ ରାଜ୍ୟ ପୁରସ୍କାର ପ୍ରାପ୍ତ ଓଡ଼ିଆ ପୁସ୍ତକର ହିନ୍ଦୀ କିମ୍ବା ଇଂରାଜୀ ଅନୁଦିତ ପୁସ୍ତକ ଏବଂ ଅନ୍ୟ ଭାଷାରୁ ଓଡ଼ିଆରେ ଅନୁଦିତ ପୁସ୍ତକ ।

(ଘ) ଓଡ଼ିଶାର ସଂସ୍କୃତି, ଓଡ଼ିଆ ଭାଷାର ବିଭିନ୍ନ ବିଭାଗ ଓ ଜାତୀୟ ଐକ୍ୟ ଉପରେ କେନ୍ଦ୍ର ଓ ରାଜ୍ୟ ସାହିତ୍ୟ, ଲଳିତ ଓ ସଙ୍ଗୀତ ନାଟକ ଏକାଡେମୀ, ଜାତୀୟ ପୁସ୍ତକ ନ୍ୟାସ (ଏନ୍‌ବିଟି), ପବ୍ଲିକେଶନ ଡିଭିଜନ, ଏନ୍‌ସିଇଆର୍‌ଟି ଓ ଏସ୍‌ସିଇଆରଟି ଦ୍ୱାରା ପ୍ରକାଶିତ ପୁସ୍ତକ ।

(ଙ) ଅନ୍ୟାନ୍ୟ ପୁସ୍ତକମାନଙ୍କ ମଧ୍ୟରେ ମୁଖ୍ୟତଃ ଓଡ଼ିଆ, ଇଂରାଜୀ, ହିନ୍ଦୀ, ବଙ୍ଗଳା, ଉର୍ଦ୍ଦୁ ଓ ଓଡ଼ିଶାରେ ପ୍ରଚଳିତ ସାନ୍ତାଳୀ ଓ ଅନ୍ୟ ଯେକୌଣସି ଆଦିବାସୀ ଭାଷାରେ ଲିଖିତ (୧) କାବ୍ୟ ଓ କବିତା (୨) ଗଳ୍ପ (୩) ଉପନ୍ୟାସ (୪) ପ୍ରବନ୍ଧ (୫) ନାଟକ, ଜୀବନୀ, ଭ୍ରମଣକାହାଣୀ (୬) ଶିଶୁ ସାହିତ୍ୟ (୭) ଲୋକପ୍ରିୟ ବିଜ୍ଞାନ (୮) ଅନ୍ୟ ଭାଷାରୁ ଓଡ଼ିଆରେ ଅନୁଦିତ ପୁସ୍ତକ (୯) ଓଡ଼ିଆ କିମ୍ବା ଲେଖକଙ୍କ ଏକାଡେମୀ ତଥା ଅନ୍ୟାନ୍ୟ ପୁରସ୍କାର ପ୍ରାପ୍ତ ପୁସ୍ତକ ଅନ୍ତର୍ଭୁକ୍ତ ।

(ଚ) ରାଜ୍ୟ ସରକାରଙ୍କ ଅନୁଦାନ ପ୍ରାପ୍ତ ସ୍ୱୟଂଶାସିତ ଅନୁଷ୍ଠାନମାନଙ୍କ ଦ୍ୱାରା ପ୍ରକାଶିତ ପୁସ୍ତକ ।

(ଛ) ନମୁନା ପୁସ୍ତକ ନିମ୍ନଲିଖିତ ବିଭାଗରେ ଦାଖଲ କରାଯିବ ।

୧. କାବ୍ୟ କବିତା (ଆଧୁନିକ, ଗୀତି ଓ ଛନ୍ଦ କବିତା)

୨. ଗଳ୍ପ

୩. ଉପନ୍ୟାସ

୪. ବିଭିନ୍ନ ପ୍ରତିଯୋଗୀତାମୂଳକ ପରୀକ୍ଷା ପାଇଁ ପୁସ୍ତକ ଏବଂ ସୂଚନା ପୁସ୍ତକ (Reference)

୫. କ. ପ୍ରବନ୍ଧ

ଖ. ଆଲୋଚନା

ଗ. ଧର୍ମ (ବେଦ, ଉପନିଷଦ, ପୁରାଣ, ଦର୍ଶନ, ଆଦିବାସୀ ଓ ଅନ୍ୟାନ୍ୟ ଧର୍ମୀୟ ଓ ଦେବାଦେବୀ ସମ୍ବନ୍ଧୀୟ)

ଘ. ସଂସ୍କୃତି

୬. କ. ନାଟକ

ଖ. ଜୀବନୀ

ଗ. ଭ୍ରମଣ କାହାଣୀ

୭. ଶିଶୁ ସାହିତ୍ୟ

୮. ବିଜ୍ଞାନ (ସାଧାରଣ, ଲୋକପ୍ରିୟ)

୯. ଇଂରାଜୀ, ହିନ୍ଦୀ, ବଙ୍ଗଳା, ଆଦିବାସୀ ଭାଷା ଯଥା-ସାନ୍ତାଳୀ, ଉର୍ଦ୍ଦୁ, ତେଲୁଗୁ ଆଦି ଅନ୍ୟାନ୍ୟ ଭାଷାରେ ଲିଖିତ ଓ ପ୍ରକାଶିତ ଓଡ଼ିଆ ଭାଷା ସମ୍ପର୍କୀତ ପୁସ୍ତକ ।

(ଜ) ପୁସ୍ତକ ଗୁଡ଼ିକର ସଂସ୍କରଣ ସମ୍ବନ୍ଧରେ ୧ମ, ୨ୟ, ୩ୟ ଅଥବା ପରବର୍ତ୍ତୀ ସଂସ୍କରଣ, ଏହିପରି ସ୍ପଷ୍ଟ ଉଲ୍ଲେଖ ନମୁନା ପୁସ୍ତକରେ ତଥା ଦରଖାସ୍ତ ଫର୍ମରେ ରହିବ । ପରିବର୍ଦ୍ଧିତ ସଂସ୍କରଣ, ପରିମାର୍ଜିତ ସଂସ୍କରଣ, କେବଳ ପ୍ରକାଶନ କାଳ ଉଲ୍ଲେଖଥିବା ପୁସ୍ତକ ଗୁଡ଼ିକ ପ୍ରଥମ ସଂସ୍କରଣ ଭାବେ ଗ୍ରହଣ କରାଯିବ ନାହିଁ ।

(ଝ) ଅନୁଚ୍ଛେଦ (ଛ) ୫ 'ଗ' ରେ ଉଲ୍ଲେଖଥିବା ପୁସ୍ତକ ଚୟନ ପାଇଁ ସଂସ୍କରଣ ଅବଧି ଲାଗୁ ହେବ ନାହିଁ ।

(ଞ) ଏହି ପୁସ୍ତକ କ୍ରୟ ଯୋଜନାରେ ନମୁନା ପୁସ୍ତକ ଭାବେ ଦାଖଲ କରାଯାଉଥିବା ପୁସ୍ତକଗୁଡ଼ିକର ମୁଦ୍ରିତ ମୂଲ୍ୟ ଖଣ୍ଡ ପ୍ରତି ସର୍ବାଧିକ ଟ.୫୦୦/- ଥିଲେ ତାହା ବିଚାର ପରିସରଭୁକ୍ତ ହେବ । ଏହାଠାରୁ ଅଧିକ ମୂଲ୍ୟର ପୁସ୍ତକ ଗ୍ରହଣ ଯୋଗ୍ୟ ବିଚାର ପରିସରଭୁକ୍ତ ହେବ ନାହିଁ ।

# ସର୍ତ୍ତାବଳୀ

୧. ପ୍ରକାଶକମାନଙ୍କୁ ପ୍ରଥମେ ବିକ୍ରୟ ପୁସ୍ତକଗୁଡ଼ିକର ଅର୍ଦ୍ଧେକ ମୂଲ୍ୟ ପ୍ରଦାନ କରାଯିବ । ରାଜଭାଗ ପେଠ ସମ୍ପର୍କିତ ପ୍ରମାଣପତ୍ର ଦାଖଲ କରାଯିବା ପରେ ଅବଶିଷ୍ଟ ଟଙ୍କା ପ୍ରକାଶକମାନଙ୍କୁ ଦିଆଯିବ।

୨. ମୁଦ୍ରିତ ମୂଲ୍ୟ / ମସିହା ବ୍ୟତୀତ ହାତଲେଖା, ରବରଷ୍ଟାମ୍ପ କିମ୍ବା ଅନ୍ୟ ପ୍ରକାରର ସଂଶୋଧିତ ମୂଲ୍ୟ / ମସିହା ତଥା ଭିତର ପୃଷ୍ଠା ପରିବର୍ତ୍ତନ କରାଯାଇଥିବା ପୁସ୍ତକଗୁଡ଼ିକ ଗ୍ରହଣ କରାଯିବ ନାହିଁ।

୩. ନିର୍ବାଚିତ ପୁସ୍ତକଗୁଡ଼ିକ ଉପରେ ପ୍ରକାଶକମାନେ ମୁଦ୍ରିତ ମୂଲ୍ୟ ଉପରେ ଶତକଡ଼ା ୩୦ ଭାଗ ରିହାତି ପ୍ରଦାନ କରିବେ ।

୪. ନିର୍ବାଚିତ ହୋଇନଥିବା ପୁସ୍ତକଗୁଡ଼ିକ ପ୍ରକାଶକମାନେ ନିଜ ଖର୍ଚ୍ଚ ଓ ଦାୟିତ୍ୱରେ ଫେରସ୍ତ ନେବେ।

୫. ପୂର୍ବ ତିନି ବର୍ଷ ମଧ୍ୟରେ ନିର୍ବାଚିତ ହୋଇଥିବା ପୁସ୍ତକ ଏଥିସହିତ ଦାଖଲ ହେବ ନାହିଁ ।

୬. ପ୍ରକାଶକମାନେ ଦାଖଲ କରୁଥିବା ପୁସ୍ତକର ଏକକିତା ଜାତୀୟ ଗ୍ରନ୍ଥାଗାର, କଲିକତା ଏବଂ ଦୁଇକିତା ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ନିମନ୍ତେ ମାଗଣାରେ ଦାଖଲ କରିଥିବାର ପ୍ରମାଣ ପତ୍ର ସଂଲଗ୍ନ କରିବେ ।

୭. ପୁସ୍ତକ ୧/୮ ଡିମାଇ ସାଇଜ୍ ମୂଲ୍ୟ ୬୦ ଜ.ଏସ.ଏମ୍ କାଗଜ ପାଇଁ ପୃଷ୍ଠା ପିଛା ୫୦ ପଇସା, ୧/୮ ଡବଲ କ୍ରାଉନ ରୟାଲ ସାଇଜ ୬୦ ଜି.ଏସ. ଏମ୍ କାଗଜ ପାଇଁ ୭୫ ପଇସା ଏବଂ ବାଇକଲର / ଟ୍ରାଇକଲର / ମଲ୍ଟିକଲର ପାଇଁ ଯଥାକ୍ରମେ ଉକ୍ତନିର୍ଦ୍ଧାରିତ ମୂଲ୍ୟର ୧୦%, ୨୦% ଓ ୩୦% ଅଧିକ ହିସାବ ହୋଇ ପୁସ୍ତକର ମୂଲ୍ୟ ନିର୍ଦ୍ଧାରିତ ହେବା ଆବଶ୍ୟକ ।

୮. ପ୍ରକାଶକ/ଲେଖକମାନେ ଦାଖଲ କରୁଥିବା ପୁସ୍ତକ ମଧ୍ୟରୁ ପୁରସ୍କୃତ ହୋଇଥିବା ପୁସ୍ତକ ଗୁଡ଼ିକୁ ସମ୍ପର୍କରେ ପ୍ରମାଣ ସହ ସ୍ୱତନ୍ତ୍ରଭାବେ ଉଲ୍ଲେଖ କରିବେ, ନଚେତ୍ ସେହି ପୁସ୍ତକ ଗୁଡ଼ିକ ପୁରସ୍କାରପ୍ରାପ୍ତ ବୋଲି ବିବେଚନା କରାଯିବ ନାହିଁ ।

୯. ପ୍ରକାଶକ/ଲେଖକମାନେ ଦାଖଲ କରୁଥିବା ପୁସ୍ତକଗୁଡ଼ିକ ପୂର୍ବ ଦୁଇ ବର୍ଷ ଯଥାକ୍ରମେ ୨୦୦୬-୦୭ ଓ ୨୦୦୭-୦୮ ବର୍ଷ ନିମନ୍ତେ ଚୟନ କରାଯାଇ ନଥିବାର ଅଙ୍ଗୀକାରପତ୍ର ଦାଖଲ କରିବେ ।

୧୦. ପୁସ୍ତକ ଦାଖଲ କଲାବେଳେ ପ୍ରକାଶକ/ଲେଖକମାନେ ସେମାନଙ୍କର ଫୋନ୍ / ମୋବାଇଲ ନମ୍ବର ସମ୍ପର୍କରେ ସୂଚନା ନେବେ ଯଦ୍ୱାରା ଆବଶ୍ୟକସ୍ଥଳେ ସେମାନଙ୍କସହ ତୁରନ୍ତ ଯୋଗାଯୋଗ କରାଯାଇପାରିବ ।

୧୧. ପୁସ୍ତକ ନିର୍ବାଚନ ସମ୍ବନ୍ଧରେ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗର ନିଷ୍ପତ୍ତି ଚୂଡ଼ାନ୍ତ ବିବେଚିତ ହେବ ।

ନିର୍ଦ୍ଦେଶକ, ସଂସ୍କୃତି
ସଂସ୍କୃତି ବିଭାଗ, ଓଡ଼ିଶା, ଭୁବନେଶ୍ୱର ।

# ୨୦୦୯-୧୦ ଆର୍ଥିକ ବର୍ଷ ନିମନ୍ତେ ରାଜା ରାମମୋହନ ରାୟ ପାଠାଗାର ଯୋଜନାରେ ପୁସ୍ତକ କ୍ରୟ ନିମନ୍ତେ ନମୁନା ଫର୍ମ

( ଚାରିକିତା କିସମୱାରୀ ଦାଖଲ ହେବ । ଏଥିସହିତ ଦୁଇଟି ପୁସ୍ତକ-ନିର୍ବାଚନ କାର୍ଡ ୩" × ୫" ଦାଖଲ କରିବେ । ଗୋଟିଏ ପ୍ରକାଶକର ସୂଚନା ଓ ଅନ୍ୟଟି ଲେଖକ ସୂଚନା )

୧. କ୍ରମିକ ସଂଖ୍ୟା ( ଯଦି ଏକାଧିକ ପୁସ୍ତକ ଥାଏ )

୨. ପୁସ୍ତକର ନାମ

୩. ଲେଖକଙ୍କ ନାମ

୪. ଭାଗ ସଂଖ୍ୟା (Volume / Series )

୫. ପୃଷ୍ଠା ସଂଖ୍ୟା

୬. ସଂସ୍କରଣ ସଂଖ୍ୟା ଓ ପ୍ରକାଶନ ବର୍ଷ

୭. ବନ୍ଧାଇ (ସାଧା / ବୋର୍ଡ)

୮. ଦାଖଲ କରିବାକୁ ଥିବା ପୁସ୍ତକ ପୂର୍ବରୁ କିଣାଯାଇଛି କି ନାହିଁ । ଯଦି କିଣାଯାଇଛି, କେଉଁ ବର୍ଷ ପାଇଁ ?

୯. ପୁସ୍ତକ କିସମ

୧୦. ପୁସ୍ତକର ମୂଲ୍ୟ

୧୧. କଲିକତାସ୍ଥିତ ଜାତୀୟ ପାଠାଗାର ପାଇଁ ଓ ହରେକୃଷ୍ଣ ମହତାବ ରାଜ୍ୟ ପାଠାଗାର ପାଇଁ ଦାଖଲ କରିଥିବା ପୁସ୍ତକର ପ୍ରମାଣପତ୍ର ସଂଲଗ୍ନ କି ନୁହେଁ ? ( ପ୍ରମାଣପତ୍ର ଗୁଡ଼ିକର ଏକକିତା ଲେଖାଏଁ ଜେରକ୍ସ କପି ସଂଲଗ୍ନ କରିବେ )

୧୨. ଦାଖଲ କରୁଥିବା ପ୍ରକାଶକଙ୍କ ପୂର୍ଣ୍ଣ ଠିକଣା

ଦାଖଲକାରୀଙ୍କ ପୂର୍ଣ୍ଣ ସ୍ୱାକ୍ଷର ଓ ଠିକଣା
ଫୋନ୍ / ଫ୍ୟାକ୍ସ ନଂ

## ଅଙ୍ଗୀକାର ପତ୍ର

ପ୍ରକାଶଥାଉକି, ମୁଁ / ଆମ୍ଭେ ଏତଦ୍ୱାରା ଘୋଷଣା କରୁଅଛୁ ଯେ, ରାଜା ରାମମୋହନ ରାୟ ଯୋଚନାରେ ପୁସ୍ତକ କ୍ରୟ ନିମନ୍ତେ ପ୍ରଦତ୍ତ ସର୍ତ୍ତାବଳୀଗୁଡ଼ିକ ମାନିବା ନିମନ୍ତେ ଓ ତଦନୁଯାୟୀ ପୁସ୍ତକ ପ୍ରଦାନ ନିମନ୍ତେ ଆମ୍ଭେ ଅଙ୍ଗୀକାରବଦ୍ଧ ଅଟୁ ।

ଦାଖଲକାରୀଙ୍କ ପୂର୍ଣ୍ଣ ସ୍ୱାକ୍ଷର ଓ ଠିକଣା

**FOR OFFICE USE**

1. Code No................
2. Sl. No.
3. Date of Submission
4. Reference
5. Date